## କୋଠଘର ନିର୍ମାଣରେ ବାଧକ ଦୁଇ ପରିବାର

# ପ୍ରଶାସନର ଦ୍ୱାରସ୍ଥ ହେଲା ମହିଳା ସଂଘ

ଛତ୍ରପୁର,୨ ।୨(ସମିସ)

ଛତ୍ରପୁର ତହସିଲ ଅନ୍ତର୍ଗତ ବଡ଼ଆର୍ଯ୍ୟପଲ୍ଲୀ ଗ୍ରାମର ମହିଳା ସଂଘର ବହୁ ସଦସ୍ୟମାନେ ବିଭିନ୍ନ ଅଭିଯୋଗ ନେଇ ପୁଲିସ ଏବଂ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମରେ ଦୀର୍ଘ ୩୦ ବର୍ଷରୁ ମହିଳା ସଂଘ ତରଫରୁ ଏକ କୋଠଘର ଥିଲା। ତାହା ୨୦୧୩ରେ ହୋଇଥିବା ଫାଇଲିନ ବାତ୍ୟାରେ ଭାଙ୍ଗି ଯାଇଥିଲା। ପରବର୍ତ୍ତୀ ସମୟରେ ଏହାର ମରାମତି ନିମନ୍ତେ ସରକାରଙ୍କ ତରଫରୁ କୌଣସି ସହଯୋଗ ମିଳିଲା ନାହିଁ। ଫଳରେ ଏହା ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା। ବର୍ତ୍ତମାନ



ସେହି ଜାଗାକୁ ଦୁଇ ପରିବାର ଜୋର ଜବରଦସ୍ତ କରି ନିଜର ଘର ତିଆରି କରୁଛନ୍ତି। ଏନେଇ ପଚାରିଲେ ସେମାନେ ବିଭିନ୍ନ ଧମକ ଦେବା ସହିତ ଗାଳିଗୁଲଜ କରୁଛନ୍ତି ବୋଲି ଏନ. ଲକ୍ଷ୍ମୀ ଏବଂ ଡବ୍ଲୁ ପାରଲକ୍ଷ୍ମା କହିଛନ୍ତି। ସେହି ସ୍ଥାନରେ ଏକ କମ୍ୟୁନିଟି ସେଣ୍ଟର ବା କୋଠଘର ନିର୍ମାଣ କରିବା ନିମନ୍ତେ ବିଧାୟକ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ସହଯୋଗ କରିଛନ୍ତି। ଏଣୁ ପୁଲିସ ଓ ପ୍ରଶାସନ ଏହାର ଉଚିତ ତଦନ୍ତ କରି ସେମାନଙ୍କୁ ନ୍ୟାୟ ଦେବା ସହିତ ସେଠାରେ କୋଠଘର ନିର୍ମାଣ ନିମନ୍ତେ ସହଯୋଗ କରିବାକୁ ସେମାନେ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ମହିଳା ସଂଘ ସଦସ୍ୟମାନେ କହିଥିଲେ। ଏନେଇ ସେମାନେ ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ଏବଂ ଛତ୍ରପୁର ତହସିଲଦାରଙ୍କୁ ଭେଟି ଗୁହାରୀ କରିଛନ୍ତି।

## ନାବାଳିକାକୁ ଅପହରଣ; ଜଣେ ଅଟକ

# ରାତିସାରା ଜଙ୍ଗଲରେ ରଖିଲେ; ନଗ୍ନ ଫଟୋ ଉଠାଇଲେ

ତୁମୁଡିବନ୍ଧ,୨।୨(ସମିସ): ଗାଧୋଇବାକୁ ଯାଇଥିବା ବେଳେ ଜଣେ ନାବାଳିକାକୁ ଅପହରଣ କରି ୨ ଯୁବକ ଜଙ୍ଗଲକୁ ନେଇଗଲେ। ସେଠାରେ ଜୋରଜବରଦସ୍ତ ନାବାଳିକାର ନଗ୍ନ ଫଟୋ ଉଠାଇବା ସହ ଦୁଷ୍କର୍ମ ଉଦ୍ୟମ କରିଥିଲେ। ପରେ ତାଙ୍କୁ ଛାଡ଼ିଦେବା ପରେ ସେ ସୋମବାର ଗାଁରେ ପହଞ୍ଚି ଥାନାରେ ଅଭିଯୋଗ କରିବାରୁ ପୁଲିସ ତଦନ୍ତ କରି ଜଣେ ଯୁବକକୁ ଅଟକ ରଖିଛି। ଏପରି ଘଟଣା ଘଟିଛି କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକ ବେଲଘର ଥାନା ଅଞ୍ଚଳରେ।

ପ୍ରକାଶ ଯେ, ରବିବାର ଦିନ ୧୧ଟାରେ ସମ୍ପୃକ୍ତ ୧୪ ବର୍ଷୀୟ ନାବାଳିକା ନଦୀକୁ ଗାଧୋଇ ଯାଇଥିବାବେଳେ ଗ୍ରାମର ୨ ଜଣ ଯୁବକ ତାଙ୍କ ପାଟିକୁ କପଡ଼ାରେ ଚାପି ଜବରଦସ୍ତ ନିକଟସ୍ଥ ଜଙ୍ଗଲକୁ ଉଠାଇ ନେଇଥିଲେ। ସେଠାରେ ଦୁଷ୍କର୍ମ ଉଦ୍ୟମ କରିବାବେଳେ ନାବାଳିକା କାକୁତି ମିନତି ହେବାରୁ ଦୁଇ ଜଣ ଯୁବକ ତାଙ୍କ ନଗ୍ନ ଫଟୋ ଉଠାଇଥିଲେ। ଏଥିସହ ହାତଗୋଡ଼ ବାନ୍ଧି ମାଡ଼ ମଧ ମାରିଥିଲେ। ଗୋଟିଏ ରାତି ଅପହରଣ କରି ରଖିବାପରେ ଛାଡ଼ିଦେବାରୁ ସୋମବାର ସକାଳେ ନିକଟସ୍ଥ ନଦୀ ସେତୁରେ ନାବାଳିକା ଜଣକ ଚାଲି ଚାଲି ଆସୁଥିବା ଦେଖି ଗ୍ରାମବାସୀ ଉଦ୍ଧାର କରି ଘରକୁ ନେଇଥିଲେ। ନାବାଳିକା ସବୁ କହିବା ପରେ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ଜଣେ ଯୁବକକୁ ପୁଲିସ ଅଟକ ରଖି ପଚରାଉଚୁରା କରୁଥିବାବେଳେ ଆଉ ଜଣେ ଯୁବକ ଫେରାର ଥିବା ସୂଚନା ମିଳିଛି।

## ବେଆଇନ୍ ଇଟାଭାଟି ଉପରେ ଚଢ଼ଉ

ବେଲଗୁଣ୍ଠା,୨ ।୨(ସମିସ): ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନଙ୍କ ନେତୃତ୍ୱରେ ଗାଙ୍ଗପୁର ରାଜସ୍ୱ ନୀରିକ୍ଷକ ଗୌରୀ ଶଙ୍କର ସ୍ୱାଇଁ, ଗାଙ୍ଗପୁର ଥାନା ଅଧିକାରୀ ବନବିହାରୀ ପ୍ରଧାନ, ପୁଲିସ୍ ବାହିନୀ, ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର କବିରାଜ ସେଠୀଙ୍କ ସମେତ ରାଜସ୍ୱ ବିଭାଗର କର୍ମଚାରୀମାନେ ବଡବୋରସିଂ ପଞ୍ଚାୟତର ବଡବୋରସିଂ ଓ ଖାରିଗୁଡାରେ ବେଆଇନ୍ ଭାବେ ଚାଲିଥିବା ଇଟାଭାଟି ଉପରେ ଚଢ଼ଉ କରିଥିଲେ। ବେଆଇନ ପୋଡ଼ାଇଟା ପ୍ରସ୍ତୁତ କରାଯାଇଥିବାରୁ ଜେସିବି ଦ୍ୱାରା ସମସ୍ତ ଇଟାକୁ ନଷ୍ଟ କରାଯାଇଥିଲା। ୫ଟି ଭାଟିରେ ଥିବା ପ୍ରାୟ ୩ଲକ୍ଷ ଇଟା ନଷ୍ଟ କରାଯାଇଥିବା ଜଣାପଡ଼ିଛି।

## କମ୍ପ୍ୟୁଟର ପ୍ରଶିକ୍ଷଣ ଶିବିର ଉଦ୍ଯାପିତ

ଗଞ୍ଜାମ,୨ ।୨(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତର ପୋଡ଼ାମପେଟା ଓଡ଼ିଆରପି କଲୋନୀରେ ଏକ ବର୍ଷ ଧରି ଚାଲିଥିବା କମ୍ପ୍ୟୁଟର ପ୍ରଶିକ୍ଷଣ ଶିବିର ଉଦ୍ଯାପିତ ହୋଇଯାଇଛି। ଭିୟୁଷ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି ଶିବିର କୋର୍ଡିନେଟର ଜେ. ଟିଟୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ବେଳେ ପ୍ରଶିକ୍ଷିକା ସି ଏଚ୍ ପଦ୍ମିନୀଙ୍କ ପୌରହିତ୍ୟରେ ଆୟୋଜିତ ଉଦ୍ଯାପନି ସମାବେଶରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସଂଯୁକ୍ତା ପ୍ରଧାନ, ମୁଖ୍ୟବକ୍ତା ଭାବେ ଓଡିଶା ସମ୍ବାଦିକ ସଙ୍ଘ ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା ଯୋଗଦେଇ ସାର୍ଟିଫିକେଟ ପ୍ରଦାନ କରିଥିଲେ। ୱାର୍ଡମେମ୍ବର ଏନ. ଲକ୍ଷ୍ମୀ, ପୂର୍ବତନ ୱାର୍ଡ ମେମ୍ବର ବି. ହାଡ଼ି, ବି. ଏରିଗା ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସିନ ରହିଥିଲେ। ୧୫୭ ଛାତ୍ରଛାତ୍ରୀଙ୍କୁ କମ୍ପ୍ୟୁଟର ପ୍ରଶିକ୍ଷଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ବିଜ୍ଞାନ କଲେଜରେ ଆତ୍ମରକ୍ଷା ତାଲିମ ଶିବିର

ଛତ୍ରପୁର,୨ ।୨(ସମିସ): ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟରେ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଅଧ୍ୟକ୍ଷ ଡକ୍ଟର ଅଜୟ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଉଦ୍ଯାପିତ ହୋଇଯାଇଛି। ଉଦ୍ଯାପନୀ ସଭାରେ ନିଜର ବକ୍ତବ୍ୟ ରଖି ଡକ୍ଟର ତ୍ରିପାଠୀ କହିଥିଲେ ଆତ୍ମରକ୍ଷା ତାଲିମ କେବଳ ଆତ୍ମସୁରକ୍ଷା ନୁହେଁ ବରଂ ଏହା ନିଜ ସହିତ ଅନ୍ୟର ସୁରକ୍ଷାକୁ ମଧ୍ୟ ସୁନିଶ୍ଚିତ କରିଥାଏ। ଉଦ୍ଯାପନୀ ସଭାରେ ମୁଖ୍ୟ ଅତିଥି ଭାବରେ ଗଞ୍ଜାମ ଥାନା ଅଧିକାରୀ ସୁମିତ୍ରା ପାତ୍ର ଯୋଗଦେଇ ଛାତ୍ରୀମାନେ କିପରି ଆବଶ୍ୟକତା ସମୟରେ ନିଜ ସୁରକ୍ଷା ନିଜେ କରିପାରିବେ ଆଲୋଚନା କରିଥିଲେ। ଶିବିର ସଂଯୋଜିକା ଅଧ୍ୟାପିକା ସସ୍ମିତା ବେହେରା ଛାତ୍ରୀଟିଏ ନିଜ ସୁରକ୍ଷା ନିମନ୍ତେ ପ୍ରତ୍ୟେକ ସମୟରେ ପ୍ରସ୍ତୁତ ହୋଇରହିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଶାସନିକ ଅଧିକାରୀ ସୁଶାନ୍ତ ଦାସ ଛାତ୍ରୀମାନଙ୍କ ଆତ୍ମ ସୁରକ୍ଷା ସଂପର୍କରେ ଆଲୋଚନା କରିବା ସହିତ ଅତିଥିଙ୍କୁ ସ୍ୱାଗତ କରିଥିଲେ ଏବଂ ଅଧ୍ୟାପିକା ସସ୍ମିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ପିପୁଲ୍ସ କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ବୁଗୁଡା,୨ ।୨(ସମିସ): ସ୍ଥାନୀୟ ପିପୁଲ୍ସ କଲେଜର ୪୮ତମ ବାର୍ଷିକ କ୍ରୀଡ଼ାର ଶୁଭାରମ୍ଭ ହୋଇଯାଇଛି। ନିକଟସ୍ଥ ଠାକୁରାଣୀ ମନ୍ଦିରରୁ କ୍ରୀଡ଼ାଜ୍ୟୋତି ଆସି ପହଞ୍ଚିବା ପରେ କଲେଜ ଅଧ୍ୟକ୍ଷ ଡ.ପୁରୁଷୋତ୍ତମ ମିଶ୍ରଙ୍କ ଦ୍ୱାରା କ୍ରୀଡ଼ା ପତାକା ଉତ୍ତୋଳନ ସହ ପ୍ରତିଯୋଗୀଙ୍କ ସାମୂହିକ ଶପଥ ପାଠ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଉପାଧ୍ୟକ୍ଷ ହରିକୃଷ୍ଣ ନାୟକ, ପ୍ରଶାସନିକ ଅଧିକାରୀ ଡ.ପ୍ରଦୀପ କୁମାର ଦାଶ, +୩ କ୍ରୀଡ଼ା ସଂସଦ ଉପସଭାପତି ଅଧ୍ୟାପକ ଅକ୍ଷୟ କୁମାର ସାହୁ, +୨ କ୍ରୀଡ଼ା ସଂସଦ ଉପସଭାପତି ଅଧ୍ୟାପକ ଆତ୍ମପ୍ରକାଶ ନାୟକ, ସହକାରୀ ଉପସଭାପତି ଦିଲ୍ଲୀପ କୁମାର ସେଠୀ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲା ବେଳେ ଉଭୟ ପୁରୁଷ ଓ ମହିଳା ବିଭାଗର ବିଭିନ୍ନ ପ୍ରତିଯୋଗିତା ଆୟୋଜନ ହୋଇଥିଲା। କ୍ରୀଡ଼ା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାକୁ କ୍ରୀଡ଼ା ଶିକ୍ଷକ ଶ୍ରୀନିବାସ ଦୋରା ପରିଚାଳନା କରିଥିବା ବେଳେ ଅଧ୍ୟାପକ କିଶୋର ଚନ୍ଦ୍ର ଶବର, ଅଧ୍ୟାପିକା ରଶ୍ମିତା କୁମାରୀ ପଟ୍ଟନାୟକ, ସସ୍ମିତା ସାମନ୍ତରା, ଭି.ସନ୍ତୋଷୀ ରାଜୁ ଓ ସୁରଜିତା ସାହୁ ପ୍ରମୁଖ ସହଯୋଗ କରିଥିଲେ।

## 'ଭିବି-ଜି ରାମ-ଜୀ' ଜନ ଜାଗରଣ ଅଭିଯାନ

ପୁରୁଷୋତ୍ତମପୁର,୨ ।୨(ସମିସ): ପୁରୁଷୋତ୍ତମପୁର ସହରସ୍ଥିତ ସ୍ୱପ୍ନେଶ୍ୱର ମନ୍ଦିର ପରିସରରେ ବିଜେପି ପକ୍ଷରୁ ପୁରୁଷୋତ୍ତମପୁର ମଣ୍ଡଳସ୍ତରୀୟ ଭିବିଜି-ରାମଜୀ ଜନ ଜାଗରଣ ଅଭିଯାନ ପୂର୍ବତନ ନଗର ସଭାପତି ମନୋରଞ୍ଜନ




ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠି, ବିଜେପି ରାଜ୍ୟ ସମ୍ପାଦକ ପୃଥିବୀରାଜ ମହାପାତ୍ର, ଜିଲ୍ଲା ବିଜେପି ପ୍ରଭାରୀ ପ୍ରକାଶ ମଙ୍ଗରାଜ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ପଣ୍ଡା, ପୂର୍ବତନ ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ନାୟକ, ନଗର ମଣ୍ଡଳ ସଭାପତି ନିଳାଞ୍ଚଳ ମହାରଣା, ସନ୍ତୋଷ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ନୂତନ କର୍ମକର୍ତ୍ତା, କୋର୍ଟ ଓ ତହସିଲରେ ନବନିଯୁକ୍ତ ସରକାରୀ ଓକିଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବୈଠକରେ ଏ .ରମେଶ ଦୋରା, ଟୁକୁନା ବେହେରା, ଦେବରାଜ ବେହେରା, ବିଚିତ୍ର ନାୟକ, ବିନାୟକ ନାୟକ, ପିଙ୍କି ଗୌଡ଼, ଦମୟନ୍ତୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ୧୧ ଯୋଡ଼ି



ଆସିକା,୨ ।୨(ସମିସ): ସୋମବାର ଆସିକା ବ୍ଲକର ମହିଳା ଓ ଶିଶୁ ବିଭାଗର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ତରଫରୁ ୧୧ ଜଣ ନବ ଦମ୍ପତିଙ୍କୁ ଆସିକା ଉପ ନିବନ୍ଧକ କାର୍ଯ୍ୟାଳୟରେ ବିବାହ ନିମନ୍ତେ ଆବଶ୍ୟକ କାର୍ଯ୍ୟକ୍ରମ ଶେଷ ହୋଇଛି। ଆସିକା ବ୍ଲକର ବିଭିନ୍ନ ପଞ୍ଚାୟତର ୧୧ଟି ସେକ୍ଟରରୁ ୧୧ ଜଣ ବର ବଧୂଙ୍କୁ ସିଡିପିଓ ଶାନ୍ତି ସୁଧା କର ପଟ୍ଟନାୟକଙ୍କ ସଂଯୋଜନାରେ ଉପ ନିବନ୍ଧକ ତଥା ବିବାହ ଅଧିକାରୀ ସମରଜିତ ତ୍ରିପାଠୀଙ୍କ ଉପସ୍ଥିତିରେ ବିବାହ ନିମନ୍ତେ ପଞ୍ଜିକରଣ କରିଥିଲେ। ପ୍ରକାଶ ଯେ, ଅସହାୟ ଝିଅଙ୍କୁ ମୁଖ୍ୟମନ୍ତ୍ରୀଙ୍କ କନ୍ୟା ବିବାହ ଯୋଜନାରେ ୫୦ହଜାର ଟଙ୍କା ଅର୍ଥରାଶି ଦିଆଯିବା ନେଇ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଆରମ୍ଭ କରିଛନ୍ତି।

## ସର୍ଟସର୍କିଟରୁ ଜଳିଗଲା ଘର



ଆସିକା,୨ ।୨(ସମିସ): ଆସିକା ବ୍ଲକ ଅନ୍ତର୍ଗତ ଦେବଭୂମି ପଞ୍ଚାୟତର ଦେବଭୂମି ଗ୍ରାମର ବିଦେଶୀ ମହାରଣାଙ୍କ ୪ ବଖରା ଘର ସର୍ଟସର୍କିଟରୁ ସମ୍ପୂର୍ଣ୍ଣ ଜଳିଯାଇଛି। ଆସିକା ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ବେଳେ ଏଥିରେ ପାଖାପାଖି ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ସାମଗ୍ରୀ ପୋଡ଼ି ଯାଇଥିବା ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ମିଳିଛି।

## 'ଏକ ଦେଶ, ଏକ ନିର୍ବାଚନ' ଲାଗି ଦସ୍ତଖତ ଅଭିଯାନ

ଆସିକା,୨ ।୨(ସମିସ): ନିରନ୍ତର ଚାଲୁଥିବା ନିର୍ବାଚନ ପ୍ରକ୍ରିୟା ଯୋଗୁ ଅନେକ ସମସ୍ୟା ଦେଖା ଯାଉଛି। ଏହାକୁ ବଦଳାଇ ଗୋଟିଏ ରାଷ୍ଟ୍ର, ଗୋଟିଏ ନିର୍ବାଚନ କରି ଏହି ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଛି ପ୍ରୟାସ। ଏହି ପରିପେକ୍ଷୀରେ ଆସିକା ବ୍ଲକର ସରସ୍ୱତୀ ବିଦ୍ୟା ମନ୍ଦିର, ସଂସ୍କୃତ ମହାବିଦ୍ୟାଳୟରେ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହା ଦେଶର ବିକାଶ ଏବଂ ସମୃଦ୍ଧିକୁ ଦ୍ରୁତ ଗତିରେ ଆଗକୁ ବଢ଼ିବାରେ ସହାୟତା କରିବ ବୋଲି ସଂଯୋଜକ ତଥା ଯୁବନେତା ଅନିଲ କୁମାର ସ୍ୱାଇଁ ମତବ୍ୟକ୍ତ କରିଥିଲେ। ଭାରତକୁ ଏକ କରିବା ଦିଗରେ ବ୍ୟବସ୍ଥିତ ଏବଂ ବିକଶିତ ରାଷ୍ଟ୍ରରେ ପରିଣତ କରି ଏହା ପ୍ରମୁଖ ଭୂମିକା ନେବ ବୋଲି ଜିଲ୍ଲା ସଂଯୋଜକ ଚିନ୍ମୟ ରେଡ୍ଡୀ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ସଂଯୋଜକ ହିମାଂଶୁ ଶେଖର ତ୍ରିପାଠୀ ଉପସ୍ଥିତ ଥିଲେ।

## କଙ୍କିଆ ପଞ୍ଚାୟତରେ ଅଭିଯୋଗ ଶୁଣାଣି

କୁକୁଡାଖଣ୍ଡି,୨ ।୨(ସମିସ): କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ କଙ୍କିଆ ପଞ୍ଚାୟତରେ ବିଡିଓ ଡ଼ ପଲ୍ଲବୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ କୁକୁଡାଖଣ୍ଡି ତହସିଲଦାର ରାଜକିଶୋର ପଟ୍ଟନାୟକ, ସରପଞ୍ଚ ଚନ୍ଦ୍ର ଶେଖର ନାୟକ, ସମିତି ସଭ୍ୟ ତ୍ରିବେଣୀ ନାୟକଙ୍କ



ସହ ବହୁ ବ୍ଲକ ପ୍ରଶାସନ ଅଧିକାରୀ ତଥା ସମସ୍ତ ଲାଇନ ବିଭାଗୀୟ ଅଧିକାରୀ ଉପସ୍ଥିତି ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ପଞ୍ଚାୟତ ରାସ୍ତାର ଉନ୍ନତିକରଣ, ଷ୍ଟ୍ରିଟ୍‌ଲାଇଟ୍ ବ୍ୟବସ୍ଥା, ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର ବିକାଶ, ପ୍ରାଥମିକ ଶିକ୍ଷାର ବିକାଶ, ପୋଖରୀ ପୁନରୁଦ୍ଧାର, ରାସନ କାର୍ଡର ସଂଶୋଧନ, ଆବାସ ଯୋଜନା ନୂତନ ତାଲିକା ପ୍ରସ୍ତୁତ, ସୁଭଦ୍ରା ଯୋଜନା ଭଳି ବିଭିନ୍ନ ସମସ୍ୟା ଉପରେ ଲୋକମାନଙ୍କ ସହ ଆଲୋଚନା ହୋଇଥିଲା।

## ରାମ ଚରିତ ମାନସ ପାରାୟଣ

ଧରାକୋଟ,୨ ।୨(ସମିସ): ଧରାକୋଟଗଡ଼ ସ୍ଥିତ ଶ୍ରୀରାମ ବନବାସ ମଠରେ ବିଂଶତମ ବାର୍ଷିକ ଉତ୍ସବର ଉଦ୍ଯାପନ ସହିତ ରାମ ଚରିତ ମାନସ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ରାଜେନ୍ଦ୍ର ଦାସ୍ ବ୍ରହ୍ମଚାରୀ, ନବୀନ ମହାରାଜ ଜୀ, ସୁଧିର ମହାରାଜ ପ୍ରମୁଖ ଉପସ୍ଥିତ ରହି ରାମଚରିତ ମାନସର ମହନିୟତା ଏବଂ ରାମାୟଣରେ ରହିଥିବା ପ୍ରତ୍ୟେକଟି ଚରିତ୍ର ଗଠନ ପାଇଁ ପ୍ରବଚକମାନେ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ସୀତା ସ୍ୱାମୀ ସତସଙ୍ଗ ଅନୁଷ୍ଠାନର ସଭାପତି ପଦ୍ମ ଚରଣ ବାରିକ, ଯୋଗେନ୍ଦ୍ର ଘୋଷ, ଗୋଲକ ବିହାରୀ ସାହୁ, ଭୋଳାନାଥ ଗୌଡ଼, ଶରତ ରାଜ, ସୁରେନ୍ଦ୍ର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ରିଚାଳନା କରିଥିବା ବେଳେ ଉଦ୍ଯାପନ ଦିବସରେ ବହୁ ମହିଳା ଓ ପୁରୁଷ କଳସ ବିସର୍ଜନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଗୋପୀନାଥ ଡାକୁଆ, ସୋମନାଥ ମହାନ୍ତି, କୃଷ୍ଣଚନ୍ଦ୍ର ବେବର୍ତ୍ତା ପ୍ରମୁଖ ସହଯୋଗ କରିଥିଲେ। ସତୀ ମଠ ମଠାଧୀଶ କୃପାସିନ୍ଧୁ ଦାସମହାରାଜ ପୂର୍ଣ୍ଣାହୁତି କରିଥିଲେ।

## ଗଞ୍ଜାମ କଲେଜର ବାର୍ଷିକ ଉତ୍ସବ

ଗଞ୍ଜାମ,୨ ।୨(ସମିସ): ଗଞ୍ଜାମ ମହାବିଦ୍ୟାଳୟର ୫୭ତମ ବାର୍ଷିକ ଉତ୍ସବ କଲେଜ ପରିସରରେ ଅଧ୍ୟକ୍ଷା ଡ଼ଃ ସ୍ମରଣିକା ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ମୁଖ୍ୟବକ୍ତା ବିନାୟକ ଆଚାର୍ଯ୍ୟ ଓଡ଼ିଆ ବିଭାଗ ସହକାରୀ ଅଧ୍ୟାପକ ତଥା ପୂର୍ବତନ ଉପ ସଚିବ, ଆଞ୍ଚଳିକ କାର୍ଯ୍ୟାଳୟ ଉପ ମାଧ୍ୟମିକ ଶିକ୍ଷା ପରିଷଦ ବ୍ରହ୍ମପୁର ଡ଼ଃ କୁଳମଣି ଓଝା, ବରେଣ୍ୟ ଅତିଥି ବିଧାନସଭା ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ଗଞ୍ଜାମ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ପ୍ରତିଭା ପାଢ଼ୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତରେ ଜଣେ ଜଣେ ସୁନାଗରିକ ଭାବେ ଗଢି ତୋଳିବାକୁ ଆହ୍ୱାନ ଦେଇଥିଲେ। ଅଧ୍ୟାପିକା ବାଇରୀ ଦେବୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିମାନଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଅଧ୍ୟାପକ ଶ୍ରୀଧର ବଢ଼େଇ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଡିଆଇଇଟିର ବାର୍ଷିକ କ୍ରୀଡ଼ା ଉତ୍ସବ

ରମ୍ଭା,୨ ।୨(ସମିସ): ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଗଂଜାମ ପକ୍ଷରୁ ଚଳିତ ବର୍ଷ ଦ୍ୱିଦିବସୀୟ ବାର୍ଷିକ କ୍ରୀଡ଼ା ଉତ୍ସବ ସ୍ଥାନୀୟ ଶ୍ରୀମର୍ଦ୍ଦରାଜ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଏହାର ଉଦ୍‌ଘାଟନ କରିଥିଲେ। ପ୍ରତିଷ୍ଠାନର ଅଧ୍ୟକ୍ଷ ତଥା ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ସନ୍ତୋଷ କୁମାର ପରିଡା ଶିକ୍ଷାର୍ଥୀଙ୍କ ସାମଗ୍ରୀକ ବିକାଶ, ଶାରୀରିକ ସୁସ୍ଥତା, ଶୃଙ୍ଖଳିତ ଜୀବନଯାପନ ସକାଶେ କ୍ରୀଡାର ମହତ୍ୱ, ଲକ୍ଷ୍ୟ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅତିଥି ପରିଚୟ ପ୍ରଦାନ ସହ ସଭା ପରିଚାଳନା ଶିକ୍ଷକ ପ୍ରଶିକ୍ଷକ ଜିତେନ୍ଦ୍ର କୁମାର ପଣ୍ଡା, ନବୀନ କୁମାର ପ୍ରମାଣିକ କରିଥିଲା ବେଳେ ଉତ୍ସବର ସଂଯୋଜକ ଶିକ୍ଷକ ପ୍ରଶିକ୍ଷକ ସୁକୁଲେଇ ଟୁଡୁ ସଂଯୋଜନା କରିଥିଲେ। ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ବିଷ୍ଣୁ ନାରାୟଣ ଜେନା ଧନ୍ୟବାଦ ଅର୍ପଣ କରିଥିଲା ବେଳେ ପ୍ରତିଷ୍ଠାନର ସମସ୍ତ ଶିକ୍ଷକ ପ୍ରଶିକ୍ଷକ, ପ୍ରଶିକ୍ଷିକା, କର୍ମଚାରୀ ଉପସ୍ଥିତ ରହିଥିଲେ।

## ପଞ୍ଚାୟତସ୍ତରୀୟ ମିଳିତ ଜନଶୁଣାଣି

ପୋଲସରା,୨ ।୨(ସମିସ): ପୋଲସରା ବ୍ଲକ ତୁଙ୍ଗାପଡା ପଞ୍ଚାୟତରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ପୋଲସରା ବିଡ଼ିଓ ଶଶିଭୂଷଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ତହସିଲଦାର ଦୀପ୍ତିମୟୀ ପାତ୍ରଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ମାନେ ଯୋଗଦେଇଥିଲେ। ୧୯ ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ସୀମାଞ୍ଚଳ ସେଠୀ, ସମିତିସଭ୍ୟା ସଂଯୁକ୍ତା ବାଡ଼ତ୍ୟା, ଥାନାଧିକାରୀ କୌଶିକ ମାଝୀ, ଏବିଡିଓ ସୋନମ୍ ବେହେରା, ସିଡିପିଓ ତିଳୋତ୍ତମା ରାଉତ ଜନସାଧାରଣଙ୍କ ଅଭିଯୋଗ ଗ୍ରହଣ କରିଥିଲେ। ପାନୀୟ ଜଳ ଯୋଗାଣ ସହକାରୀ ଯନ୍ତ୍ରୀ ସ୍ୱରୁପ ତ୍ରୀପାଠୀ, ବ୍ଲକଯନ୍ତ୍ରୀ ଇନ୍ଦ୍ରମଣି ସାହୁ, ତୁଙ୍ଗାପଡା ମେଡିକାଲ ଅଫିସର ଡ଼ଃ ଅଞ୍ଜଳି ପଣ୍ଡା, ଡାକ୍ତର ରାଜପ୍ରସାଦ ଖଟୁଆ, ବାଘୁଆ ଜଳସେଚନ ସହକାରୀ ଯନ୍ତ୍ରୀ କେଶବ ଖଟେଇ, ଟିପିଏସ୍‌ଓଡିଏଲ ଯନ୍ତ୍ରୀ ଆକାଶ କୁମାର ଜେନା, ଆଇପିଓ ତୁଷାରକାନ୍ତ ମହାନ୍ତି, ଫିସେରି ଜେଏଫଟିଏ ନାରାୟଣ ସେଠୀ ସମେତ ବିଭିନ୍ନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଆଦିତ୍ୟ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ଜନଶୁଣାଣି ଅଧିକାରୀ ଲିପ୍ସାରାଣୀ ଭଞ୍ଜ, ଏଡିଓ କୃଷ୍ଣ ନାରାୟଣ ପରିଡ଼ା ସମେତ ଅଙ୍ଗନବାଡ଼ି କର୍ମୀ ସହଯୋଗ କରିଥିଲେ। ସେହିପରି କଣଛାଇ ପାହାଡ଼ରୁ ପଥର ଚୋରାଚାଲାଣ ବନ୍ଦ ପାଇଁ ଦାବି ହୋଇଥିଲା।

## ଋଷିକୁଲ୍ୟା ମୁହାଣରେ ହେବ ଇକୋ କରିଡର

ଗଞ୍ଜାମ,୨ ।୨(ସମିସ)

ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସାମୁଦ୍ରିକ କଇଁଛ ବିରଳ ପ୍ରଜାତିର ଅଲିଭ ରିଡ୍‌ଲେଙ୍କ ଏନ୍ଥୁଡ଼ିଶାଳ ଭାବେ ସ୍ୱତନ୍ତ୍ର ସ୍ଥାନ ପାଇଥିବା ଋଷିକୁଲ୍ୟା ମୁହାଁଣରେ ଇକୋ କରିଡର ହେବ। ପ୍ରଥମ ଥର ପାଇଁ କେନ୍ଦ୍ର ସରକାର ବଜେଟରେ ଇକୋ ଟୁରିଜିମ ପ୍ରୋତ୍ସାହନକୁ ଗୁରୁତ୍ୱ ଦେଇଛନ୍ତି। ବିଭିନ୍ନ ସ୍ଥାନରେ ଇକୋ କଡିଡ଼ର ଓ ଟର୍ଟଲ କଡିଡ଼ର ନେଇ ଗୁରୁତ୍ୱ ଦିଆଯାଇଛି। ଗଞ୍ଜାମ ଜିଲ୍ଲାର ଋଷିକୁଲ୍ୟା ମୁହାଁଣ ଓ କେନ୍ଦ୍ରାପଡ଼ାର ଗହିରମଥାରେ ସର୍ବାଧିକ ସାମୁଦ୍ରିକ କଇଁଛ ସମାଗମ ହୋଇଥାନ୍ତି। ଗତବର୍ଷ ଋଷିକୁଲ୍ୟା ମୁହାଣରେ ଦୁଇଟି ପର୍ଯ୍ୟାୟରେ ରେକର୍ଡ ସଂଖ୍ୟକ ୯ଲକ୍ଷରୁ ଉର୍ଦ୍ଧ୍ୱ ସାମୁଦ୍ରିକ କଇଁଛଙ୍କ ସାମୂହିକ ଅଣ୍ଡାଦାନ ହୋଇଥିବା ବେଳେ ଗହିମଥାରେ ୫ଲକ୍ଷରୁ ଉର୍ଦ୍ଧ୍ୱ କଇଁଛଙ୍କ ସାମୂହିକ ଅଣ୍ଡାଦାନ ହୋଇଥିଲା।



ଏଠାରେ ପରିବେଶବିତ, ପର୍ଯ୍ୟଟକଙ୍କ ଭିଡ଼ ଲାଗିଲେ ସ୍ଥାନୀୟ ଅଞ୍ଚଳବାସୀ ବ୍ୟବସାୟିକ ସୁବିଧା ପାଇଲେ ଆର୍ଥିକ ଅଭିବୃଦ୍ଧି ହୋଇପାରିବ। ଯାହାକୁନେଇ ସ୍ଥାନୀୟ ଅଞ୍ଚଳର ଋଷିକୁଲ୍ୟା କଇଁଛ ସୁରକ୍ଷା ସମିତି ସମ୍ପାଦକ ତଥା ପରିବେଶବିତ ରବୀନ୍ଦ୍ରନାଥ ସାହୁ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦିଗଦର୍ଶନ ଫାଉଣ୍ଡେସନ ନିର୍ଦ୍ଦେଶକ ତଥା ପରିବେଶବିତ ଉମାକାନ୍ତ ବେହେରା, ପୁରୁଣାବନ୍ଧ ଗ୍ରାମ୍ୟ ସଭାପତି ମାଗତା ବେହେରା, ପୂର୍ବତନ ସରପଞ୍ଚ ଦିଲ୍ଲୀପ ଛୋଟରାୟ ପ୍ରମୁଖ ଏହାକୁ ସ୍ୱାଗତ ଜଣାଇଛନ୍ତି।

## ୧୦ଘରୁ ସିରିଜ୍ ଚୋରି ଘଟଣା

# ଚୋରି ଅଳଙ୍କାର ଜବତ; ୫ ଗିରଫ

ସାନଖେମୁଣ୍ଡି,୨ ।୨(ସମିସ)

ଗଞ୍ଜାମ ଜିଲ୍ଲା ପାଟପୁର ଥାନା ଇଲାକାରେ ୪ ଦିନରେ ୧୦ ଘରୁ ସିରିଜ ଚୋରି ଘଟଣାରେ ପାଟପୁର ପୁଲିସ ୫ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଦିଗପହଣ୍ଡି ଥାନା ତିଳେଶ୍ୱର ବନ୍ଧ ସାହିର ସଞ୍ଜୟ ପାତ୍ର, କୀର୍ତ୍ତନ ନାଇକ, ଧରକୋଟ ଥାନା ଇଲାକାର ସିଦ୍ଧାନ୍ତ ପାତ୍ର, ଗୋଷାଣୀନୂଆଗାଁ ଥାନା ଖଜୁରିଆ ବନ୍ଧସାହିର ସନ୍ତୋଷ ଏବଂ ସଦର ଥାନା ବାଲିପଡାର ସିଦ୍ଧାନ୍ତ କାକୁଲ। ଏଥିସହ ସେମାନଙ୍କ ଠାରୁ ୮ ଭରି ସୁନା ଗହଣା ଓ ଦେଢ଼ କେଜି ରୁପା ଗହଣା, ୫ଟି ମୋବାଇଲ ଫୋନ ଓ ଚୋରି ବେଳେ ବ୍ୟବହୃତ ସାମଗ୍ରୀ ଜବତ ହୋଇଛି। ତେବେ ଜାନୁଆରୀ ୨୧,୨୨ ଏବଂ ୨୩ ତାରିଖରେ ପାଟପୁର ଥାନା ଇଲାକା ସିଙ୍ଗିପୁର, ଖୋଲଡି, ଖଜୁରୀପଦା ଏବଂ ପାଟପୁର ବଢ଼େଇସାହିରୁ ପ୍ରାୟ ୧୨ ଭରି ସୁନା



ଗହଣା ଓ ପ୍ରାୟ ୩ କେଜି ରୁପା ସହ ୩ ଲକ୍ଷ ଟଙ୍କା ପାଟପୁର ଥାନା ଇଲାକରୁ ରାତିଅଧରେ ସିନେମା ଷ୍ଟାଇଲରେ ସିରିଜ୍ ଚୋରି ହୋଇଥିଲା। ପାଟପୁର ଥାନା ଅଧିକାରୀ ଦୀପ୍ତି ରଞ୍ଜନ ବେହେରା ସ୍ୱତନ୍ତ୍ର ତିନୋଟି ଟିମ୍ ଗଠନ କରି ପାଞ୍ଚ ଜଣଙ୍କୁ ଗିରଫ କରିଥିଲେ। ସେମାନଙ୍କ ଠାରୁ ସୁନା ଓ ରୁପା ଗହଣା ଜବତ କରିଛି। ଜାମିନ ଆବେଦନ ଖାରଜ ହେବା ପରେ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲ ପଠାଯାଇଛି ବୋଲି ପାଟପୁର ଥାନା ଅଧିକାରୀ ଦିପ୍ତୀ ରଞ୍ଜନ ବେହେରା ସୂଚନା ଦେଇଛନ୍ତି।

# ଠିକାଦାରଙ୍କ ବିରୋଧରେ ବେଆଇନ ବାଲିଚାଲାଣ ଅଭିଯୋଗ

ତୁମୁଡିବନ୍ଧ,୨।୨(ସମିସ)



ତୁମୁଡିବନ୍ଧ ସ୍ଥିତ ନୂଆ ବସ୍‌ଷ୍ଟାଣ୍ଡ ନିର୍ମାଣ କରୁଥିବା ଠିକାଦାର ବେଆଇନ ଭାବେ ବାଲି ଚୋରାଚାଲାଣ କରୁଥିବା ନେଇ ସଙ୍ଗୀନ ଅଭିଯୋଗ ଆଣିଛନ୍ତି ଅଞ୍ଚଳବାସୀ। ତୁମୁଡିବନ୍ଧ ମୁଖ୍ୟ ବଜାର ନିକଟରେ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ୨ ବର୍ଷ ଧରି ନିର୍ମାଣ ଚାଲିଛି ବସ୍‌ଷ୍ଟାଣ୍ଡ। ଏନେଇ ସ୍ଥାନୀୟ ତହସିଲ କାର୍ଯ୍ୟାଳୟରେ ବାଲି, ପଥର ଓ ମେଟାଲ ବ୍ୟବହାର ପାଇଁ ଅଞ୍ଚଳରୁ ଚାଲାଣ କରିବା ନିମନ୍ତେ ନିର୍ମାଣ କରୁଥିବା ଠିକାଦାର ଟିକସ ଜମା କରିଛନ୍ତି। ନିୟମ ପ୍ରକାରେ ତୁମୁଡିବନ୍ଧ ଅଞ୍ଚଳରେ କେବଳ ବାଲିପଥର, ମେଟାଲ ବ୍ୟବହାର କରିପାରିବେ। ବ୍ଲକ ବାହାରେ ଏହାକୁ ବ୍ୟବହାର କରିବାକୁ ଚାଲାଣ କଲେ ଏହା ନୀତି ବିରୋଧ କାର୍ଯ୍ୟ ହେବ। ଯେହେତୁ ତୁମୁଡିବନ୍ଧ ତହସିଲ କାର୍ଯ୍ୟାଳୟରେ ଟିକସ ଜମା କରାଯାଇଛି କେବଳ ସେହି ଅଞ୍ଚଳରେ ହିଁ ଏହାର ବ୍ୟବହାର କରାଯିବ। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ ବସ୍‌ଷ୍ଟାଣ୍ଡ ଠିକାଦାର ମାଲିପଡ଼ା ନଦୀରୁ ଦିନ ତମାମ ଟ୍ରାକ୍ଟର ଯୋଗେ ବସ୍‌ଷ୍ଟାଣ୍ଡକୁ ବାଲିଚାଲାଣ କରି ସନ୍ଧ୍ୟାରେ ଜେସିବି ସାହାଯ୍ୟରେ ଏକ ହାଇୱାରେ ବାଲି ଲୋଡ୍ କରି ଅନ୍ୟତ୍ର ଚାଲାଣ କରୁଛନ୍ତି। ଏନେଇ ବସ୍‌ଷ୍ଟାଣ୍ଡ ପ୍ରକଳ୍ପ ନିର୍ମାଣ ଦାୟିତ୍ୱରେ ଥିବା ସୁପରଭାଇଜରଙ୍କୁ ପଚାରିବାରୁ କନ୍ଧମାଳ ଜିଲ୍ଲାର ଯେକୌଣସି ବ୍ଲକ ସମେତ ଓଡ଼ିଶାର ଯେ କୌଣସି ସ୍ଥାନକୁ ଚାଲାଣ ହୋଇପାରିବ ବୋଲି କହିଛନ୍ତି। ସୁପରଭାଇଜରଙ୍କ ପ୍ରତିକ୍ରିୟା ଅନୁଯାୟୀ ସ୍ଥାନୀୟ ତୁମୁଡିବନ୍ଧ ତହସିଲଦାର ଦୋଳଗୋବିନ୍ଦ ସାହୁଙ୍କୁ ପଚାରିବାରୁ ସେ ଏହା ଆଇନ ବିରୋଧ ବୋଲି କହିଛନ୍ତି। ଟିକସ ଅନୁଯାୟୀ ସେମାନେ ତୁମୁଡିବନ୍ଧ ବ୍ଲକରେ କେବଳ ବାଲି ବ୍ୟବହାର କରିପାରିବେ। ଯଦି ସେମାନେ ଅନ୍ୟ ବ୍ଲକକୁ ଚାଲାଣ କରୁଛନ୍ତି ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତହସିଲଦାର କହିଛନ୍ତି।

**ଅଞ୍ଚଳରେ ବ୍ୟବହାର ପାଇଁ ଟିକସ ବାନ୍ଧି ଜିଲ୍ଲା ସାରା କରୁଛନ୍ତି ଚାଲାଣ**

**ଅନ୍ୟ ବ୍ଲକକୁ ଚାଲାଣ କରୁଥିଲେ କାର୍ଯ୍ୟାନୁଷ୍ଠାନ: ତହସିଲଦାର**

## ପଇଡ଼ ଟ୍ରକ୍‌ରୁ ୧୯୧ କେଜି ଗଞ୍ଜେଇ ଜବତ

ବାଲିଗୁଡ଼ା,୨।୨(ସମିସ): ଗଞ୍ଜେଇ ଚୋରା ଚାଲାଣ ପାଇଁ ନୂଆ ନୂଆ ଉପାୟ ଅବଲମ୍ବନ କରୁଛନ୍ତି ମାଫିଆ। ଏହିକ୍ରମରେ ଏକ ପଇଡ଼ ବୋଝେଇ ଟ୍ରକରେ ଗଞ୍ଜେଇ ଚୋରା ଚାଲାଣ ବେଳେ ମାଡ଼ି ବସିଛି ପୁଲିସ୍। ୧୯୧ କେଜି ଗଞ୍ଜେଇ ସହ ଟ୍ରକ୍ ଜବତ କରିଥିବାବେଳେ ଟ୍ରକ୍ ଛାଡ଼ି ଚାଲାଣକାରୀ ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି। ଏଭଳି ଘଟଣା କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅଧିନସ୍ଥ ବାରଖମା ଫାଣ୍ଡି ଅଞ୍ଚଳରେ ହୋଇଛି। ସୂଚନା ପ୍ରକାରେ ବାଲିଗୁଡ଼ା ଥାନା ଅଧିନସ୍ଥ ବାରଖମା ଫାଣ୍ଡି ଅଧିକାରୀ ଏକ ସ୍ୱତନ୍ତ୍ର ଟିମ୍ ନେଇ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ବେଳେ ବାରଖମା ଅଞ୍ଚଳ ଦେଇ ଏକ ଟ୍ରକ୍ ଦ୍ରୁତଗତିରେ ସୁଡ୍ରା ଆଡ଼କୁ ଯାଉଥିବାବେଳେ



ଅଟକାଇବାକୁ ଚେଷ୍ଟା କରିଥିଲା। କିନ୍ତୁ ଟ୍ରକ୍‌ଟି ନ ଅଟକି ପଳାଇବାକୁ ପିଛା କରିଥିଲା ପାଟ୍ରୋଲିଂ ଟିମ୍। ସୁଡ୍ରା ନିକଟସ୍ଥ କାମେରିକିଆ ଘାଟି ନିକଟରେ ଟ୍ରକ୍ ଛାଡ଼ି ଚାଲାଣକାରୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଟ୍ରକ୍‌କୁ ଯାଞ୍ଚ କରିବା ପରେ ସେଥିରୁ ୧୯୧ କେଜି ଗଞ୍ଜେଇ ଜବତ କରିଥିଲା ପୁଲିସ୍। ଏନେଇ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ କରୁଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ ଏବଂ ଏହା ବାଲିଗୁଡ଼ା ଅଞ୍ଚଳରୁ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବା ଅନୁମାନ କରାଯାଉଛି ବୋଲି ବାରଖମା ଫାଣ୍ଡି ଅଧିକାରୀ ବାହୁବଳୀ ଅମରେନ୍ଦ୍ର ସୁବୁଦ୍ଧି କହିଛନ୍ତି।

## ଶ୍ରୀଜଗନ୍ନାଥ ପଞ୍ଚରାତ୍ର ମହାଯଜ୍ଞ ସମାପନ



ପାରଳାଖେମୁଣ୍ଡି,୨।୨(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ଜଗନ୍ନାଥ ପଞ୍ଚରାତ୍ର ବିଶ୍ୱ କଲ୍ୟାଣ ଯଜ୍ଞ ଆୟୋଜିତ ହୋଇଥିଲା। ପାଞ୍ଚଦିନ ଧରି ବହୁ ଆଡମ୍ବର ସହକାରେ ଭକ୍ତିମୟ ପରିବେଶ ମଧ୍ୟରେ ସମାପନ ହୋଇଛି। ଯଜ୍ଞରେ ବିଭିନ୍ନ ଗ୍ରାମାଞ୍ଚଳ ସମେତ ପଡୋଶୀ ରାଜ୍ୟରୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଦୈନନ୍ଦିନ ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଉଥିଲେ। ପ୍ରବଚନ କାର୍ଯ୍ୟକ୍ରମ ସାଙ୍ଗକୁ ଅର୍ବାନ ପଡିଆରେ ଠାକୁରଙ୍କ ୪ ବେଶ ବେଶ୍ ଆକୃଷ୍ଟ କରିଥିଲା। ପ୍ରଭୁଙ୍କ ୨୪ ବେଶ ଦେଖିବାପାଇଁ ପ୍ରବଳ ମାତ୍ରାରେ ଭିଡ଼ ଜମୁଥିଲା। ଆଜି ଅନ୍ତିମ ଦିନରେ ହଜାର ହଜାର ଭକ୍ତ ଯୋଗଦେଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଏହି ଭକ୍ତିପୂର୍ଣ୍ଣ କାର୍ଯ୍ୟକ୍ରମରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ଗିରିଧାରୀ ଗମାଙ୍ଗ, ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ ପାଣିଗ୍ରାହୀ ଓ ମୋହନା ବିଧାୟକ ଦାଶରଥି ଗମାଙ୍ଗଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି



ପାରଳାଖେମଣ୍ଡି,୨।୨(ସମିସ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗ୍ରାମ୍ୟମୁଖୀ ପ୍ରଶାସନର ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଶୁଣାଣିରେ ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ କେ.ନାଗାରାଜୁ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡିର ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର ଅଭିଯୋଗ ଯୋଗ ଦେଇଥିଲେ। ପାରଳାଖେମୁଣ୍ଡି ପୌରପରିଷଦ ସମେତ କେରାଣ୍ଡି, କତଲକଇଠା, ବାଘଶାଳା, ରାଣୀପେଣ୍ଠ ଓ ସିଧାମାଡ଼ଙ୍ଗ ପଞ୍ଚାୟତର ସମୁଦାୟ ମୋଟ ୯୪ ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା ୮୪ ଥିବା ବେଳେ ଗ୍ରାମଭିତ୍ତିକ ସମସ୍ୟା ୧ଟି ରହିଥିଲା। ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶୁଣାଣିରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା, ଜଳସେଚନ, ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ଭଳି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା। ଶୁଣାଣିରେ ଅନ୍ୟମାନଙ୍କ ମଧ୍ୟରେ ଗୋଷାଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ ଓ ସ୍ଥାନୀୟ ତହସିଲଦାର ନାରାୟଣ ବେହେରାଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ସିୟୁଟିଏମ୍‌ରେ ଶିଳ୍ପ-ଶିକ୍ଷା ସଂଯୋଗ ସମ୍ମିଳନୀ



ପାରଳାଖେମୁଣ୍ଡି,୨।୨(ସମିସ): ସେଞ୍ଚୁରିଅନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ପାରଳାଖେମୁଣ୍ଡି କ୍ୟାମ୍ପସ୍ ଅନ୍ତର୍ଗତ ଏମ୍.ଏସ୍.ସ୍ୱାମୀନାଥନ୍ ସ୍କୁଲ୍ ଅଫ୍ ଏଗ୍ରିକଲ୍‌ଚରରେ ଶିଳ୍ପ-ଶିକ୍ଷା ସଂଯୋଗ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏହି ସମ୍ମିଳନୀରେ ଶିକ୍ଷା ଓ ଶିଳ୍ପ ମଧ୍ୟରେ ସହଯୋଗକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ କୃଷି ଓ ସମ୍ବନ୍ଧିତ କ୍ଷେତ୍ରର ୧୬ପ୍ରମୁଖ କମ୍ପାନୀର ପ୍ରତିନିଧି ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ଏମ୍‌ଏସ୍ ସ୍ୱାମୀନାଥନ୍ ସ୍କୁଲ ଅଫ୍ ଏଗ୍ରିକଲ୍‌ଚରର ପ୍ଲେସମେଣ୍ଟ୍ ଏବଂ ଆଡମିସନ୍‌ର ଏସୋସିଏଟ୍ ଡିନ୍ ଡ଼. ବିନୟକୁମାର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରେଜିଷ୍ଟ୍ରାର ଡ଼. ଅନୀତା ପାତ୍ର, ଏବଂ ଡିନ୍ (କୃଷି) ଡ଼. ସାଗର ମୈତ୍ର ଯୋଗ ଦେଇଥିଲେ।। ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଶେଷରେ ଡିନ୍ (ପ୍ରଶାସନ) ଡ଼. ଏସ୍. ପି. ନନ୍ଦା, ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷା ଓ ଶିଳ୍ପ କ୍ଷେତ୍ରର ବିଶେଷଜ୍ଞ ବକ୍ତବ୍ୟ ରଖିଥିଲେ। ପଶ୍ଚିମବଙ୍ଗ ବିଧାନ ଚନ୍ଦ୍ର କୃଷି ବିଶ୍ୱବିଦ୍ୟାଳୟର ପ୍ଲେସମେଣ୍ଟ୍ ସେଲ୍‌ର ଅଧ୍ୟକ୍ଷ ୟୁ.ଥାପା, ପାରାଦୀପ ଫସଫେଟ୍ସ୍‌ର ଡିଜିଏମ୍ (ମାର୍କେଟିଂ) ଡ଼. ବିଶ୍ୱଜିତ୍ ନନ୍ଦା ଶିଳ୍ପର ଆବଶ୍ୟକତା, କୌଶଳ ବିକାଶ ଓ ନିଯୁକ୍ତି ସମ୍ଭାବନା ବିଷୟରେ ଆଲୋକପାତ କରିଥିଲେ। ଶେଷରେ ସିୟୁଟିଏମ୍‌ର ଉପରେଜିଷ୍ଟ୍ରାର (ଟ୍ରେନିଂ ଏବଂ ପ୍ଲେସମେଣ୍ଟ) ଡ଼. ଏସ୍. କାମେଶ୍ୱର ରାଓ ଧନ୍ୟବାଦ ପ୍ରଦାନ କରିଥିଲେ।

## ଅସୁରକ୍ଷିତ ଅସୁରଘାଟି ରାସ୍ତା; ବଢୁଛି ଦୁର୍ଘଟଣା



ନୂଆଗଡ଼,୨।୨(ସମିସ): ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ ସଦର ମହକୁମା ନିକଟବର୍ତ୍ତି ଅସୁରଘାଟି ରାସ୍ତା ପାଲଟିଛି ମରଣଯନ୍ତା। ଗତବର୍ଷ ଅକ୍ଟୋବର ୨ରେ ପ୍ରକୃତି କରାଳ ରୂପନେଇ ଅତିରୁ ଅତି ପ୍ରବଳ ବର୍ଷା ହେବା ଫଳରେ ଅସୁରଘାଟି ଉପର ମୁଣ୍ଡରେ ଥିବା ଶଙ୍ଖରେ ରାସ୍ତା ଉପର ଦେଇ ଯାଇଥିଲା ପାଣି। ବର୍ଷା ପାଣିର ପ୍ରବଳ ସ୍ରୋତରେ ରାସ୍ତା ସବୁ ଧୋଇ ହୋଇ ଛିନଛତ୍ର ହୋଇ ଯାଇଥିଲା ଏବଂ ରାସ୍ତାର ଉଭୟ ପାଶ୍ୱର୍ର ମାଟି ତଳ ମୁହାଁଣକୁ ଖସି ବଡ଼ ବଡ଼ ଗର୍ତ୍ତରେ ପରିଣତ ହୋଇଛି। ୪ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ରାସ୍ତାର ଉଭୟ ପାଶ୍ୱର୍ର ଗର୍ତ୍ତରେ ମାଟି ପଡିନାହିଁ। ରାସ୍ତା ମରାମତି ପାଇଁ ବିଭାଗୀୟ କର୍ମଚାରୀ ତତ୍ପରତା ପ୍ରକାଶ କରୁନାହାନ୍ତି। ବିଭାଗୀୟ କର୍ମଚାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କଲେ ବି ରାସ୍ତାର ମରାମତି କରୁନଥିବା ଅଭିଯୋଗ କରିଛନ୍ତି ଅଞ୍ଚଳ ଲୋକେ। ଏହି ରାସ୍ତା ନୂଆଗଡ଼ଠାରୁ ଖଜୁରୀପଦାକୁ ସଂଯୋଗ କରୁଥିବାରୁ ଗାଡ଼ି ଚାଳକଙ୍କ ପାଇଁ ମରଣଯନ୍ତାରେ ପରିଣତ ହୋଇଛି। ମୁଖ୍ୟତଃ ଏହି ରାସ୍ତା ଦେଇ ପ୍ରତିଦିନ ଶତାଧିକ ଦୁଇ ଚକିଆ, ମାଲବାହୀ ଏବଂ ଯାତ୍ରୀବାହୀ ଯାନବାହନ ଯାତାୟାତ କରୁଥିବା ବେଳେ ଅନେକ ସମୟରେ ଏଠାରେ ଦୁର୍ଘଟଣା ଘଟି ଗୁରୁତର ଆହତ ହେଉଛନ୍ତି। ପୂର୍ତ୍ତ ବିଭାଗ ଏବଂ ପ୍ରଶାସନ ତୁରନ୍ତ ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ପୂର୍ତ୍ତ ବିଭାଗ ଯନ୍ତ୍ରୀ ଜଇରାମ ମାଝୀଙ୍କୁ ଯୋଗାଯୋଗ କରିବାରୁ ପ୍ରସ୍ତାବ ଦିଆଯାଇଛି, ଆସିଲେ ଯଥାଶୀଘ୍ର ମରାମତି କାର୍ଯ୍ୟ କରାଯିବ ବୋଲି କହିଛନ୍ତି।

## ଜାତୀୟ କବାଡ଼ି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଦେବୀକାଙ୍କୁ ସମ୍ବର୍ଦ୍ଧନା



ଗୋଷାଣି,୨।୨(ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଶରଧାପୁର ହାଇସ୍କୁଲର ଅଷ୍ଟମ ଶ୍ରେଣୀ ଛାତ୍ରୀ ବି. ଦେବୀକା ୧୪ ବର୍ଷରୁ କମ୍ ବାଳିକା ଜାତୀୟ କବାଡ଼ି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଫେରିଛନ୍ତି। ନିଜର କଠିନ ପରିଶ୍ରମ ଏବଂ କ୍ରୀଡ଼ା ଶିକ୍ଷକ ପ୍ରତୀକ ପାହାଡ଼ସିଂଙ୍କ ପ୍ରଶିକ୍ଷଣ ଯୋଗୁଁ ଏକ ଅଖ୍ୟାତପଲ୍ଲୀରେ ଜନ୍ମଗ୍ରହଣ କରିଥିବା ଦେବୀକାଙ୍କ ସଫଳତାକୁ ନେଇ ସମସ୍ତେ ଖୁସି ପ୍ରକଟ କରିଛନ୍ତି। ଆନ୍ଧ୍ର ପ୍ରଦେଶର ଗୁଡିୱାଡରେ ନିକଟରେ ୬୯ ତମ ଜାତୀୟ କବାଡି ପ୍ରତିଯୋଗିତାରେ ସେ ଅଂଶଗ୍ରହଣ କରିଥିଲେ। ଆଜି ଗୋଷାଣି ଶିକ୍ଷା କାର୍ଯ୍ୟାଳୟରେ ତାଙ୍କୁ ସମ୍ବର୍ଦ୍ଧନା କରାଯାଇଛି। ଶରଧାପୁର ବିଦ୍ୟାଳୟରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶରଧାପୁର ସରପଞ୍ଚ ସିଏଚ୍. ପ୍ରସାଦ ରାଓ, ଗୋଷାଣି ଗୋଷ୍ଠୀ ଶିକ୍ଷାଧିକାରୀ ଶିବରାମ ପାତ୍ର, ଏବିଇଓ ଏସ୍.ଶୋମେଶ୍ୱର ରାଓ ଓ ଏନ୍.ବିମଳ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶେଷଗିରିଙ୍କ ସମେତ ସମସ୍ତ ଶିକ୍ଷକଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନେ ଦେବିକାଙ୍କୁ ପ୍ରଶଂସା କରିଥିଲେ।

## ମହିଳା କଲେଜରେ ଅଭିଭାବକ-ଅଧ୍ୟାପକ ସମ୍ମିଳନୀ



ଜି.ଉଦୟଗିରି,୨।୨(ସମିସ): ଜି.ଉଦୟଗିରି ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଆଜି ଅଭିଭାବକ ସହିତ ଅଧ୍ୟାପକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ଶିବରାମ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନରେ ଛାତ୍ରୀଙ୍କ ଗୁଣାତ୍ମକ ଶିକ୍ଷା, ଛାତ୍ରୀଙ୍କ ସୁରକ୍ଷା, ସଂସ୍କାର, ଶୃଙ୍ଖଳା ଆଦି ବିଷୟରେ ବିଶେଷ ଭାବେ ଆଲୋଚନା ହୋଇଥିଲା। ଅଧ୍ୟାପିକା ଡ଼. ବବିତା ରାଣୀ ପଟ୍ଟନାୟକ, ନିମତୀ ଦାଶ, ସସ୍ମିତା ଦାଶ ଉପସ୍ଥିତ ରହି ଅଭିଭାବକଙ୍କ ଦାଇତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମିଳନୀରେ ଶତାଧିକ ଅଭିଭାବକ ଯୋଗ ଦେଇଥିଲେ।

## ଭଞ୍ଜକଳା ମଣ୍ଡପରେ ପାରଳା କଳାକାରଙ୍କ 'ଶେଷଇଚ୍ଛା' ମଞ୍ଚସ୍ଥ



ପାରଳାଖେମୁଣ୍ଡି,୨।୨(ସମିସ): ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଓଡ଼ିଶା ନାଟ୍ୟ ସଙ୍ଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ନାଟ୍ୟଧାରା କାର୍ଯ୍ୟକ୍ରମରେ ଭୁବନେଶ୍ୱର ସ୍ଥିତ ଭଞ୍ଜକଳା ମଣ୍ଡପରେ ପାରଳାଖେମୁଣ୍ଡି କଳାକାରଙ୍କ ନାଟକ 'ଶେଷଇଚ୍ଛା' ମଞ୍ଚସ୍ଥ ହୋଇଛି। ନାଟ୍ୟକାର ପ୍ରଭାକର ପାତ୍ର ନାଟକ ରଚନା କରିଥିବା ବେଳେ ମନୋଜ କୁମାର ପାଢ଼ୀ ନିର୍ଦ୍ଦେଶନା ଦେଇଥିଲେ। ସହନିର୍ଦ୍ଦେଶନା ଆଦର୍ଶ ଦାସ କରିଥିଲେ। ଉପସ୍ଥାପନା କରିଥିଲେ ଗଜପତି ଜିଲ୍ଲା ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ କ୍ରିଏଟିଭ ଆର୍ଟସ କଳାକାର। ସଙ୍ଗୀତରେ ଥିଲେ ଏମ. ମାଧବ ପାତ୍ର, କଳାକାରଙ୍କ ନିଖୁଣ ଅଭିନୟରେ ଦର୍ଶକ ବିଭୋର ହୋଇ ଯାଇଥିଲେ।

## ଆଜିଠାରୁ ଶୀତ ମହୋତ୍ସବ 'ତୁଷାର'



ଜି.ଉଦୟଗିରି,୨।୨(ସମିସ): ଜି.ଉଦୟଗିରିରେ ଆଜିଠାରୁ ଆରମ୍ଭ ହେଉଛି କଳା, ସଂସ୍କୃତି, ପରମ୍ପରାର ଉତ୍ସବ ଶୀତ ମହୋତ୍ସବ ''ତୁଷାର'। ଏଥିପାଇଁ ଶ୍ରୀରାମପଦା କଳିଙ୍ଗ ମିନି ଷ୍ଟାଡିଅମ ଖେଳପଡିଆରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପଡିଆରେ ଆଲୋକ, ପାନୀୟ ଜଳ, ସ୍ୱଚ୍ଛତା, ସୁରକ୍ଷା, ଅଗ୍ନି ନିରାପତ୍ତା, ପରିମଳ ବ୍ୟବସ୍ଥା ଆଦି ବ୍ୟବସ୍ଥା କରାଯାଇଥିବା ବେଳେ ମୀନା ବଜାର ଖୋଲିଛି। ୩ ରୁ ୭ ଫେବୃଆରୀ ୫ ଦିନ ଧରି ଚାଲିବାକୁ ଥିବା ମହୋତ୍ସବରେ ନିମନ୍ତ୍ରିତ ଅତିଥିଙ୍କ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଘୋଷଣା କରାଯାଇଛି। ଅଂଚଳରେ ମନୋରଞ୍ଜନ କରିବାରେ କୌଣସି ସାଧନ ନଥିବା ବେଳେ ଏବେ ଏହି ପର୍ବର ଆକର୍ଷଣ ଅଧିକ ହେବାରେ ଲାଗିଛି। ଉପଜିଲ୍ଲାପାଳ ମହୋତ୍ସବ ପଡିଆ ପରିଦର୍ଶନ କରିଥିବା ବେଳେ ଅଭ୍ୟର୍ଥନା କମିଟି ତରଫରୁ ଅତିଥି ନିମନ୍ତ୍ରଣ ଜିଲ୍ଲାପାଳ, ବିଧାୟକ, ମନ୍ତ୍ରୀଙ୍କୁ ନିମନ୍ତ୍ରଣ କମିଟି କର୍ମକର୍ତ୍ତା ଜ୍ଞାନଚନ୍ଦ୍ର ପ୍ରଧାନ, ଅରୁଣ କୁମାର ଷଡ଼ଙ୍ଗୀ, ଆଶୁତୋଷ ସାହୁ ଓ ମହମଦ ଜିଆଉଦ୍ଦିନ ପ୍ରଦାନ କରିଛନ୍ତି।

● ଜାତୀୟ ନାନ୍‌ଚାକୁ ପ୍ରତିଯୋଗିତା

## ୮ ପଦକ ଜିତିଲେ କନ୍ଧମାଳ ପ୍ରତିଯୋଗୀ

ଟିକାବାଲି,୨।୨(ସମିସ): ଉତ୍ତରପ୍ରଦେଶର କାନପୁରରେ ଅନୁଷ୍ଠିତ ୪ର୍ଥ ଜାତୀୟସ୍ତରୀୟ ନାନଚାକୁ ପ୍ରତିଯୋଗିତାରେ କନ୍ଧମାଳ ଜିଲ୍ଲା ପ୍ରତିଯୋଗୀ ଚମତ୍କାର ପ୍ରଦର୍ଶନ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଜାନୁଆରୀ ୩୦ରୁ ଫେବୃୟାରୀ ୧ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ଦଳର ପ୍ରତିନିଧିତ୍ୱ କରି କନ୍ଧମାଳର ଖେଳାଳି ୮ ପଦକ ହାସଲ କରିଛନ୍ତି। ଦେଶର ପ୍ରାୟ ୧୦ ରାଜ୍ୟର ୨୫୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କୋଚ୍ ଗୋପାଳ ଚନ୍ଦ୍ରଙ୍କ ନେତୃତ୍ୱରେ କନ୍ଧମାଳ ପ୍ରତିଯୋଗୀ ସାମିଲ ହୋଇଥିଲେ। କୋଚ୍ ଗୋପାଳ ଚନ୍ଦ୍ର ନିଜେ ଶ୍ରେଷ୍ଠ ପ୍ରଦର୍ଶନ କରି ଗୋଟିଏ ସ୍ୱର୍ଣ୍ଣ ଓ ୨ଟି ରୌପ୍ୟ ପଦକ ଜିତିଛନ୍ତି। ସେହିପରି ଅନ୍ୟତମ ପ୍ରତିଯୋଗୀ ତ୍ରୈଲୋଚନ ୩ କାଂସ୍ୟ ପଦକ ଏବଂ ପ୍ରିୟାଂଶୁ ଶେଖର ୨ କାଂସ୍ୟ ପଦକ ହାସଲ କରି ଜିଲ୍ଲାର ଗୌରବ ବଢ଼ାଇଛନ୍ତି। ନାନଚାକୁ ଭଳି ଏକ ସମରକଳା ପ୍ରତିଯୋଗିତାରେ କନ୍ଧମାଳର ପିଲାମାନେ ଜାତୀୟସ୍ତରରେ ଏତେ ସଂଖ୍ୟକ ପଦକ ଜିତିବା ପରେ ସ୍ଥାନୀୟ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି।



**ସଂପୂର୍ଣ୍ଣତା ଅଭିଯାନ ୨.୦ ଉଦ୍‌ଘାଟିତ**

## 'ଅଧିକାରୀ ଓ କର୍ମଚାରୀ ଟିମ୍ ହୋଇ କାମ କଲେ ଜିଲ୍ଲା ଆଗକୁ ବଢ଼ିବ'

ପାରଳାଖେମୁଣ୍ଡି,୨।୨(ସମିସ)



ଜିଲ୍ଲା ପ୍ରଶାସନ ଓ ନୀତି ଆୟୋଗ ପକ୍ଷରୁ ସମ୍ପୂର୍ଣ୍ଣତା ଅଭିଯାନ ୨.୦ କାର୍ଯ୍ୟକ୍ରମ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡିର ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର ଓ ଯୋଜନା ଉପନିର୍ଦ୍ଦେଶକ ପ୍ରକାଶ ରାଉତ ମଞ୍ଚାସୀନ ଥିଲେ। କେନ୍ଦ୍ର ସରକାରଙ୍କ ଆକାଂକ୍ଷୀ ଜିଲ୍ଲାର ସଂପୂର୍ଣ୍ଣତା ଅଭିଯାନ୨.୦ କାର୍ଯ୍ୟକ୍ରମରେ ଆକାଂକ୍ଷା ଜିଲ୍ଲା ଓ ବ୍ଲକ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସମ୍ପୂର୍ଣ୍ଣତା ଅଭିଯାନ ଜାନୁଆରୀ ୨୮ରୁ ୧୪ ଏପ୍ରିଲ ପର୍ଯ୍ୟନ୍ତ ଜିଲ୍ଲାର ଦୁଇ ଆକାଂକ୍ଷା ପଞ୍ଚାୟତ ସମିତି ଆର୍.ଉଦୟଗିରି ଓ ଗୁମ୍ମା ବ୍ଲକ ଅନ୍ତର୍ଗତ ସାମଗ୍ରିକ ବିକାଶ କ୍ଷେତ୍ରରେ ଆଗକୁ ନେବାକୁ ଏହି କାର୍ଯ୍ୟକ୍ରମ ଚାଲିବ। ଗଜପତି ଜିଲ୍ଲାର ସମ୍ପୂର୍ଣ୍ଣତା ଅଭିଯାନର ମୂଳ ଲକ୍ଷ୍ୟ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି ଓ ପୁଷ୍ଟି ଲକ୍ଷ୍ୟ ହାସଲ ସକାଶେ ଦୃଢ ସଂକଳ୍ପ ଦେଇ ନିରନ୍ତର ପ୍ରୟାସ ଜାରି ରଖିବା। ସମ୍ପୂର୍ଣ୍ଣତା ଅଭିଯାନ ୨.୦ ର ସମସ୍ତ ଲକ୍ଷ୍ୟ ଗୁଡ଼ିକୁ ପୂରା କରିବା ପାଇଁ ଜିଲ୍ଲାର ସମସ୍ତ ଅଧିକାରୀ ଓ କର୍ମଚାରୀ ଗୋଟିଏ ଟିମ ହୋଇ କାର୍ଯ୍ୟ କଲେ ଜିଲ୍ଲା ଆଗକୁ ବଢିବ ବୋଲି ଜିଲ୍ଲାପାଳ କହିଥିଲେ। ସେହିପରି ସମସ୍ତ ଲକ୍ଷ୍ୟ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣତା ହାସଲ କରିବା। ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟକୁ ଅଧିକ ଶକ୍ତିଶାଳୀ କରିବା ଓ ସମସ୍ତ କ୍ଷେତ୍ରରେ ଜନଭାଗିଦାରୀକୁ ସୁନିଶ୍ଚିତ କରିବା ଓ ଶିକ୍ଷାକୁ କ୍ଷେତ୍ରରେ ଆଗକୁ ବଢ଼ାଇବା ସଫଳ ହୋଇପାରିବ। ପରେ ସମସ୍ତ ଅଧିକାରୀଙ୍କୁ ସମ୍ପୂର୍ଣ୍ଣତା ଅଭିଯାନ ୨.୦ ଶପଥ ପାଠ କରାଇଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼.ମାୟାଧର ସାହୁ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏମ.ପ୍ରକାଶ ରାଓଙ୍କ ସମେତ ପିରାମଲ ଫାଉଣ୍ଡେସନର ଦେବବ୍ରତ ଆଚାର୍ଯ୍ୟ ଓ ଶ୍ରୀୟାଶ୍ରୀ ରାଣୀ, ଆର.ଉଦୟଗିରି ଆକାଂକ୍ଷା ବ୍ଲକ୍ ଫେଲୋ କାହ୍ନୁଚରଣ ପାଣିଗ୍ରାହୀ ଓ ଗୁମ୍ମା ବ୍ଲକର ବାପି କିଶୋର ଦିଗାଲ, ପିଏମ ସ୍କିଲ ଡେଭଲପମେଣ୍ଟ ଦେବେନ୍ଦ୍ର କରଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

